କୃଷ୍ଣ କୁମାର ଅଗ୍ରୱାଲ ଏବଂ ଅନ୍ୟମାନେ
ବନାମ
ଜୟ କୁମାର ଜୈନ ଏବଂ ଅନ୍ୟଜଣେ

ଜାନୁଆରୀ 2, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଅନଧିକୃତ ନିର୍ମାଣ -ଭାଙ୍ଗିବା -କେବଳ ଆପତ୍ତିଜନକ ପ୍ରାଚୀର ଏବଂ ସମଗ୍ର କୋଠା ନୁହେଁ - ନିର୍ଦ୍ଦେଶ ଜାରି କରାଗଲା ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1544/1996 ।

ଦ୍ୱିତୀୟ ଅପିଲ ସଂଖ୍ୟା 292/1991ରେ ପାଟନା ଉଚ୍ଚ ନ୍ୟାୟାଳୟର 2.3.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଅଜିତ କୁମାର ସିହ୍ନା, ପ୍ରଦୀପ ରଞ୍ଜନ, ଏସ୍.ଏସ୍. ମିଶ୍ର ଏବଂ ସନ୍ତୋଷ କୁମାର ।

ଉତ୍ତରଦାତାମାନଙ୍କ ପାଇଁ ଓକିଲ ଏସ୍.ସି. ଗୁପ୍ତା, ଜତିନ୍ଦର କେ. ଭାଟିଆ ସୁନୀଲ କେ. ଜୈନ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ପକ୍ଷମାନଙ୍କ ଓକିଲଙ୍କୁ ଶୁଣିଛୁ । ଏହି ନ୍ୟାୟାଳୟ ଅଗଷ୍ଟ 21, 1995 ରେ ଆମର ଆଦେଶରେ ସୂଚିତ ହୋଇଥିବା ପ୍ରଶ୍ନ ଉପରେ ସୀମିତ ରଖି ନୋଟିସ୍ ଜାରି କରିଥିଲେ ଯାହା ଏହିପରି:

> "ଆବେଦନକାରୀଙ୍କ ପାଇଁ ଏହା ଯୁକ୍ତି କରାଯାଇଛି ଯେ ବିଚାରଣ ନ୍ୟାୟାଳୟଙ୍କର ବିଚାରାଦେଶର କାର୍ଯ୍ୟକ୍ଷମ ଅଂଶକୁ ବ୍ୟାଖ୍ୟା କରି, ଯଥା:
>
> "ତେଣୁ, ଏହା ଘୋଷଣା କରାଯାଉଛି ଯେ ପ୍ରତିବାଦୀମାନଙ୍କର ବାଦୀଙ୍କ ଘରର ଉତ୍ତର କାନ୍ଥରେ ଝରକା ଏବଂ ଭେଣ୍ଟିଲେଟରଗୁଡ଼ିକୁ ବନ୍ଦ କରିବାର ସମ୍ପୂର୍ଣ୍ଣ ଅଧିକାର ନାହିଁ ଏବଂ ସେ ଏଥିରେ ହସ୍ତକ୍ଷେପ କରି କୌଣସି ପ୍ରକାରେ ଆଲୋକ ଏବଂ ପବନକୁ ହ୍ରାସ କରନ୍ତି ଯାହା ବାଦୀମାନେ ଚୁକ୍ତିଗତ ଅଧିକାର ଭାବରେ ପାଇବାକୁ ହକଦାର ଏବଂ ଉପଭୋଗ କରିଆସୁଛନ୍ତି, ଫଳସ୍ୱରୂପ ସେମାନଙ୍କୁ ଦୁଇ ମାସ ମଧ୍ୟରେ ବାଦୀଙ୍କ ଘରର ଉତ୍ତର କାନ୍ଥ ସହିତ ସଂଲଗ୍ନ କାନ୍ଥ କିମ୍ବା ଅନ୍ୟ କୌଣସି ପୁନର୍ଗଠନକୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ବିଫଳ ହେଲେ ବିବାଦର ଶେଷ ସ୍ୱାର୍ଥରେ ବାଦୀମାନେ ଆଇନଗତ ପ୍ରକ୍ରିୟାରେ ଏହାକୁ ହଟାଇବାର ଅଧିକାର ପାଇବେ,

ଏହାଦ୍ୱାରା ସ୍ପଷ୍ଟ କରାଯାଇଛି ଯେ ପ୍ରତିବାଦୀମାନେ ବାଦୀଙ୍କ ଘରର ଉତ୍ତର କାନ୍ଥରୁ 3 ଫୁଟ ଦୂରତା ଛାଡି ସେମାନଙ୍କର କାନ୍ଥ ଉଠାଇବାକୁ ସ୍ୱାଧୀନତା ପାଇବେ ଯାହା ଦ୍ୱାରା ସେମାନେ 1921 ମସିହାର ବିକ୍ରୟ ଦଲିଲ ଅନୁଯାୟୀ ପରେ ଆଲୋକ ଏବଂ ପବନ ଉପଭୋଗ କରିପାରିବେ ।"

ଏପରିକି 1947-48 ମସିହାରେ ପ୍ରଥମ ମହଲା ପର୍ଯ୍ୟନ୍ତ ହୋଇଥିବା ନିର୍ମାଣକୁ ମଧ୍ୟ ବିଚାରାଦେଶ ଉପରେ ଭୁଲ ବ୍ୟାଖ୍ୟା କରି ହଟାଇ ଦେବାକୁ ଚେଷ୍ଟା କରାଯାଇଛି । ଏହା ଯୁକ୍ତି କରାଯାଇଛି ଯେ ପ୍ରକୃତରେ ପ୍ରତିବାଦୀଙ୍କ ନିର୍ମାଣ ପରବର୍ତ୍ତୀ ସମୟରେ ହୋଇଥିଲା ଯଦିଓ ଆବେଦନକାରୀମାନେ ଆପତ୍ତି କରି ନଥିଲେ । ତେଣୁ, ଉତ୍ତରଦାତାମାନେ ଏବେ 1982-83 ମସିହାରେ ନିର୍ମିତ ନିର୍ମାଣ ବ୍ୟତୀତ ବିଦ୍ୟମାନ ନିର୍ମାଣକୁ ଭାଙ୍ଗିବା ପାଇଁ ଆପତ୍ତି କିମ୍ବା ଦାବି କରିପାରିବେ ନାହିଁ । ଏହି ସୀମିତ ପ୍ରଶ୍ନ ଉପରେ ନୋଟିସ ଜାରି କରନ୍ତୁ ।"

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଓକିଲ ଆମ ସମ୍ମୁଖରେ ଏକ ଫଟୋଗ୍ରାଫ୍ ରଖିଛନ୍ତି ଯେଉଁଥିରେ ଏହା ଦେଖାଯାଏ ଯେ ସେଠାରେ ଏକ ଦୁଇ ମହଲା କୋଠା ଅଛି ଏବଂ ଏହା ବ୍ୟତୀତ ଆପତ୍ତିଜନକ କାନ୍ଥ ନିର୍ମାଣ କରାଯାଇଥିଲା । ଉକ୍ତ ପ୍ରାଚୀରଟି ବର୍ତ୍ତମାନ ନିକଟରେ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି, ଯାହା ବିଚାରଣ ନ୍ୟାୟାଳୟ ଦ୍ୱାରା ମିଳିଥିବା ଏବଂ ଅପିଲିୟ ଅଦାଲତ ତଥା ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରମାଣିତ ହୋଇଛି । ଉପରୋକ୍ତ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି, ବିଚାରଣ ନ୍ୟାୟାଳୟର ବିଚାରାଦେଶକୁ କାର୍ଯ୍ୟକାରୀ କରିବା ଦ୍ୱାରା ବିଦ୍ୟମାନ ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ଭାଙ୍ଗି ଦିଆଯିବ ବୋଲି ଅପିଲକାରୀଙ୍କ ଆଶଙ୍କା ଭିତ୍ତିହୀନ ଅଟେ । ଯାହା ଭାଙ୍ଗିବାକୁ ହେବ ତାହା ହେଉଛି ଆବେଦନକାରୀଙ୍କ ଦ୍ୱାରା ଅନଧିକୃତ ଭାବରେ କରାଯାଇଥିବା ନିର୍ମାଣ ଯାହା ଆୟୁକ୍ତ ପାଇଛନ୍ତି, ଯାହାଙ୍କୁ ପିଡବ୍ଲ୍ୟୁ-8 ଭାବରେ ଯାଞ୍ଚ କରାଯାଇଥିଲା, ଯାହାଙ୍କ ରିପୋର୍ଟ Ex-1 ଏବଂ କ୍ଷେତ୍ର ପୁସ୍ତକ 1/A ରୂପେ ଚିହ୍ନିତ ହୋଇଛି ।

ତଦନୁସାରେ ଉପରୋକ୍ତ ନିର୍ଦ୍ଦେଶାବଳୀ ସହିତ ଅପିଲଟିର ଫଇସଲା ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।